# Akashvani, Sambalpur

## SAMBALPURI NEWS BULLETIN

### 7 October 2024- 6.47- 6.52 am.

*********************************************

ଅମିତ୍ ଶାହା-ବୈଠକ୍          ଆର୍ଏନ୍ୟୁ / ସମ୍ବଲପୁର

କେନ୍ଦ୍ର ଗୃହ ଆଉ ସମବାୟ ମନ୍ତ୍ରୀ ଅମିତ୍ ଶାହା ଆଏଜ୍ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ନ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ୍ ୮ଟା ରାଜ୍ୟର୍ ମୁଖ୍ୟମନ୍ତ୍ରୀ ମାନ୍‌କର୍ ସାଙ୍ଗେ ଗୁଟେ ସମୀକ୍ଷା ବୈଠକ୍‌ଥି ଅଧ୍ୟକ୍ଷତା କର୍‌ବେ । ବୈଠକ୍‌ଥି ଓଡ଼ିଶା ସହେତେ ଆନ୍ଧ୍ରପ୍ରଦେଶ୍, ବିହାର୍, ଛତିଶ୍‌ଗଡ଼୍, ଝାର୍‌ଖଣ୍ଡ, ତେଲେଙ୍ଗାନା, ମହାରାଷ୍ଟ୍ର ଆର୍ ମଧ୍ୟପ୍ରଦେଶ୍‌ର ମୁଖ୍ୟମନ୍ତ୍ରୀ ଯୋଗ୍ ଦେବେ । ୨୦୨୬ ମାର୍ଚ୍ଚ ମାସ୍‌ତକ୍ ନକ୍ସଲ୍‌ପନ୍ଥୀ କାର୍ଯ୍ୟକଳାପର ପୁରାପୁରି ମୁଳୋତ୍ପାଟନ୍ କର୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ନକ୍ସଲ୍‌ବାଦ୍ ଆହ୍ୱାନ୍‌ର ମୁକାବିଲା ଲାଗି କାର୍ଯ୍ୟପନ୍ଥା ଥିର୍ କର୍‌ବାର୍ ଲକ୍ଷ୍ୟଥି ଇ ବୈଠକ୍ ନ ଟିକ୍‌ନିଖି ଆଲୋଚନା ହେବାର୍ ସମ୍ଭାବନା ରହିଛେ । ବୈଠକ୍‌ଥି ଜାତୀୟ ସୁରକ୍ଷାର ଉପ-ପରାମର୍ଶଦାତା ଆଉ କେନ୍ଦ୍ର ରାଜ୍ୟ ଆଉ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍

ବାହିନୀର ବରିଷ୍ଠ ଅଧିକାରୀମାନେ ଭିଲ୍ ଆଲୋଚନାଥି ଭାଗ୍ ନେବେ । ପ୍ରଭାବିତ୍ ରାଜ୍ୟର୍ ଦୁର୍ଗମ ଇଲାକାକେ ଉନ୍ନୟନ୍ମୂଲକ୍ ଯୋଜ୍ନା ପୁହୁଁଚାବାର୍ ସହେତେ ସଡ଼କ୍ ଆର୍ ମୋବାଇଲ୍ ଯୋଗାଯୋଗ୍କେ ତହଁକାବାର ଲାଗି ନିଆଯାଇଥିବା ପଦକ୍ଷେପ୍ ଉପ୍ରେ ଇ ବୈଠକ୍ଥି ଆଲୋଚନା ହେବା ।
ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ବୈଠକ୍ଥି ଯୋଗ୍ ଦେବାର୍ ଲାଗି ଗଲାକାଏଲ୍ ଦିଲ୍ଲୀ ଯାଇଛନ୍ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ଆର୍ଏନ୍ୟୁ/ କଟକ୍

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏଜ୍ ଆଉ ଆଏବା ୧୪ ତାରିଖ୍ ଦିନ ବନ୍ଦ୍ ରହେବା । ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍ଗା ଗୁରୁତ୍ୱପୂର୍ଣ୍ଣ ସର୍କାରୀ କାମ୍ ଆର୍ ୧୪ ତାରିଖ୍ ଦିନ ଦୁର୍ଗାପୂଜା ଭସାଣି ଥିବାର୍ନୁ ଜନଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ପିଜିଟି ଶିକ୍ଷକ୍ ନିଯୁକ୍ତି ପରୀକ୍ଷା ବାତିଲ୍ ଆର୍ଏନ୍ୟୁ /ସମ୍ବଲପୁର

ଓଡ଼ିଶା ଲୋକ୍ସେବା ଆୟୋଗ୍-ଓପିଏସ୍ସି ତରଫୁ ପୋଷ୍ଟ ଗ୍ରେଜୁଏଟ୍ -ପିଜିଟି ଶିକ୍ଷକ୍ ନିଯୁକ୍ତିର ୩ ଟା ଅପ୍ସ୍ନାଲ୍ ବିଷେର ପରୀକ୍ଷାକେ ବାତିଲ୍ କରାଯାଇଛେ । ଆଏଜ୍ ହେବାର୍କେ ଥିବାର୍ ପଦାର୍ଥ ବିଜ୍ଞାନ୍, ଗଣିତ, ୧ ନମ୍ବର୍ ଆର୍ ୨ ନମ୍ବର୍ ଓଡ଼ିଆ ଲିଖିତ ପରୀକ୍ଷାକେ ଅନିବାର୍ଯ୍ୟ କାରଣ୍ ଲାଗି ବାତିଲ୍ କରାଯାଇଛେ ବଲି ଓପିଏସ୍ସି ତର୍ଫୁ କୁହାଯାଇଛେ । ଇତାର୍ସହେତେ ଆଏଜ୍ ବାତିଲ୍ ହେଇଥିବା ପରୀକ୍ଷାର୍ ନୂଆଁ ତାରିଖ୍ ଘୋଷ୍ନା କରାଯିବା । ଇଥିର୍ଲାଗି ଓପିଏସ୍ସି ୱେବ୍ସାଇଟ୍ ଯାଂଚ୍ କର୍ବାର୍କେ ପରାମର୍ଶ ଦିଆଯାଇଛେ ।

ଦୁର୍ଘଟଣା ଆର୍ଏନ୍ୟୁ /ସମ୍ବଲପୁର

ସମ୍ବଲ୍ପୁର୍ ଜିଲ୍ଲା ଜମନ୍କିରା ଥାନା ଗଉଡ଼ପାଲି ଫାଣ୍ଡିର ୫୩ ନମ୍ବର୍ ଜାତୀୟ ରାଜପଥର ସାତଗଛିଆ ଘାଟି ନ ଗଲାକାଏଲ୍ ଟ୍ରକ୍ ଆର୍ କଂଟେନ୍ର ଭିତ୍ରେ ମୁହାଁମୁହିଁ ଧକ୍କା ଲାଗ୍ବାର୍ନୁ ୨

୪ନ୍ ଜିଁତା ପୁଡ଼ି ଯାଇଛନ୍ । ଗୁରୁତର୍ ଆହତ୍ ହେଇଥିବା ୪ନେ ଖଲାସିଙ୍କୁ ବୁର୍ଲା ଡାକ୍ତର୍‌ଖାନା ନ ଭର୍ତି କରାଯାଇଛେ ।

ଓଡ଼ିଶା ବାଘ୍ ଗନ୍ତି ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ନ ଜଙ୍ଗଲ୍ ବିଭାଗ୍ ତର୍‌ଫୁ ଫି’ ବଛର୍ ମହାବଳ ଆର୍ କଲ୍‌ରାପତ୍‌ରିଆ ବାଘ୍ ଗନ୍ତି କେମ୍‌ରା ଟ୍ରାପ୍ ଜରିଏ କର୍‌ବାର୍‌କେ ନିଷ୍ପତି ନିଆଯାଇଛେ । ଇଥିର୍‌ଲାଗି ଆଏବା ୧୫ ତାରିଖ୍‌ନୁ ବ୍ୟାଘ୍ର ଅଭୟାରଣ୍ୟମାନ୍‌କେ କେମ୍‌ରା ଲଗାବାର୍ କାମ୍ ମୁଲ୍ ହେବା । ୭ ମାସ୍ ଧରିକରି ବାଘ୍ ମାନ୍‌କର୍ ଗତିବିଧି ଉପ୍‌ରେ ନଜର୍ ରଖାଯିବା । ୨୦୨୫ ଜୁନ୍ ମାସ୍‌ତକ୍ ଜଙ୍ଗଲ୍ ଭିତ୍‌ରେ କେମ୍‌ରା ଲଗାଯାଇକରି ବାଘ୍ ଗନ୍ତି କରାଯିବା । ବର୍ଷା ହଉନ୍‌ସାର୍ କେମ୍‌ରା ମାନ୍‌କେ ଖୁଲାଯାଇକରି ବାଘ୍ ମାନ୍‌କର୍ ରିପୋର୍ଟ ଅନୁଧ୍ୟାନ୍ କରାଯିବା ଆର୍ ଇତାର୍‌ଭିତ୍‌ରୁ ବାଘ୍ ଗଣ୍‌ନା ବାହାର୍‌ବା ।

ସହରାଂଚଲ୍ ଗରିବ୍ -ପାଇଲଟ୍ ପ୍ରକଳ୍ପ ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ର ସର୍‌କାର୍ ଓଡ଼ିଶାର୍ ୩ ଟା ସହର୍ ସହେତେ ଦେଶର୍ ୨୫ ଟା ସହରେ ସହରାଂଚଲ୍ ଗରିବ୍ ମାନ୍‌କର୍ ଉନ୍ନତି ଲାଗି ପାଇଲଟ୍ ପ୍ରକଳ୍ପ ମୁଲ୍ କର୍‌ବେ । ଇ ଭିତ୍‌ରେ ଓଡ଼ିଶାର୍ ଭୁବ୍‌ନେଶ୍ୱର୍, ପୁରୀ ଆର୍ ରାଉର୍‌କେଲା ସହର୍ ରହିଛେ । ଜୀବିକା ମିଶନ୍‌ଥି ସହରାଂଚଲ୍ ଗରିବ୍ ମାନ୍‌କର୍ ଲାଗି ଏସ୍‌ଏଚ୍‌ଜି ବାଗିର୍ ସାଧାରଣ୍ ଆଗ୍ରହ ଗୋଷ୍ଠୀ ତିଆର୍ କରାଯିବା । ସେମାନ୍‌କର୍ ଲାଗିସାମାଜିକ୍ ଭିତିଭୂମି ଥାପ୍‌ନା ସହେତେ ସୂକ୍ଷ୍ମ ଋଣ ବ୍ୟବସ୍ଥା କରାଯିବା । ଇଥି ବ୍ୟକ୍ତି ବିଶେଷଙ୍କୁ ୪ ଲାଖ୍ ଟଙ୍କା ଆଉ ଗୋଷ୍ଠୀକେ ୨୦ ଲାଖ୍ ଟଙ୍କାର୍ ଋଣ ଦେବାର୍ ବ୍ୟବସ୍ଥା ରହେବା । କାର୍ଯ୍ୟକ୍ରମ୍‌ଥି ସହରାଂଚଲ୍ ଗରିବଙ୍କର୍ ଭିତ୍‌ରେ ନିର୍ମାଣ ଶ୍ରମିକ, ବର୍ଜ୍ୟବସ୍ତୁ ପରିଚାଳନା ଶ୍ରମିକ, ଘରୋଇ ଶ୍ରମିକ ଆର୍ ପରିବହନ୍ ଶ୍ରମିକମାନ୍‌କୁ ସାମିଲ୍ କରାଯିବା ।

ବୟସ୍କ ସେବା ତାଲିମ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ସହେତେ ଦେଶେ ମୃତ୍ୟୁ ହାର କମୁଥିବାର୍ ଆର୍ ଆୟୁସ ବଢୁଥିବାର୍ ଲାଗି ବୟସ୍କ ଲୁକଙ୍କର୍ ସଂଖ୍ୟା ବଢୁଛେ । ଆଗ୍‌କେ ବୟସ୍କର୍ ସେବା ଆର୍ ସମସ୍ୟା ବଢ଼୍‌ବା । ବୟସ୍କ ଲୁକ୍‌କୁ ଦର୍‌କାରୀ ସ୍ୱାସ୍ଥ୍ୟ ସୁରକ୍ଷା ମାନସିକ ସ୍ୱାସ୍ଥ୍ୟ ସେବା ଯୁଗେଇ

ଦେବାର୍ ଲାଗି ଦକ୍ଷ ତାଲିମ୍‌ପ୍ରାପ୍ତ ମାନବସମ୍ବଲର ଦର୍‌କାର୍ ରହିଛେ । ଇଥିର୍‌ଲାଗି ରାଜ୍ୟ ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଗୁଟେ ୩ ମାସିଆ ତାଲିମ୍ କାର୍ଯ୍ୟକ୍ରମ୍ ଲାଗି ଆହ୍ୱାନ୍ କରାଯାଇଛେ । ବୟସ୍କ ଲୁକ୍‌କର୍ ଚିକିସ୍ସା ଲାଗି ଦର୍‌କାର୍ ହେଲେ ଘରୋଇ ସଂସ୍ଥାମାନେ ଅନୁମୋଦନ୍ ନେବାର୍ ଉତ୍‌ରୁ ତାଲିମ୍ ଦେଇପାର୍‌ବେ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ରାଜ୍ୟସିନିଅର୍ ପୁରୁଷ ହକି ଆର୍‌ଏନ୍‌ୟୁ / ସମ୍ବଲପୁର

ରାଉର୍‌କେଲା ବିର୍ସାମୁଣ୍ଡା ହକି ଷ୍ଟାଡ଼ିୟମ୍ ନ ଚାଲିଥିବା ରାଜ୍ୟସିନିଅର୍ ପୁରୁଷ ହକିଥି ସୁନ୍ଦର୍‌ଗଡ଼୍ ଦଲ୍ ଚମ୍ପିଆନ୍ ହେଇଛେ । ସୁନ୍ଦର୍‌ଗଡ଼୍ ଦଲ୍-ଇଷ୍ଟକୋଷ୍ଟ ରେଲ୍‌ୱେକେ ୪-୧ ଗୋଲ୍‌ଥି ହରେଇଥିଲା । ଚମ୍ପିଆନ୍ ଦଲ୍‌କେ ୩୦ ହଜାର୍ ଟଙ୍କା ଆର୍ ରନର୍ସଅପ୍ ଦଲ୍‌କେ ୨୦ ହଜାର୍ ଟଙ୍କା ପୁରସ୍କାର୍ ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଗଲାକାଏଲ୍ ଉତର୍ପ୍ରଦେଶ୍, ଗୁଜୁରାଟ୍, ମଧ୍ୟପ୍ରଦେଶ୍ ସହେତେ ମହାରାଷ୍ଟ୍ରର୍ କେତେଟା ଅଂଶ ଆର୍ ଉତର୍ ଆରବ୍ ସାଗର୍ନୁ ଫିରିଛେ । ହେଲେ ଓଡ଼ିଶା ନ ଗୁଲ୍ଗୁଲି ସହେତେ ଘାଏ ଘାଏ ବର୍ଷା ହେଉଛେ । ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏଜ୍ ଉପକୂଳ ଓଡ଼ିଶାର୍ କେତେ ଜାଗା ସହେତେ ସୁନ୍ଦର୍ଗଡ୍, ଦେବ୍ଗଡ୍, କେନ୍ଦୁଝର୍ ଜିଲ୍ଲା ନ ଘଡ୍ଘଡ଼ି ଆର୍ ବିଜ୍ଲି ମାରିକରି ହାଲ୍କା ନୁ ମଧମ୍ ଧରଣ୍ର ବର୍ଷା ହେଇପାରେ । ସେଥିର୍ଲାଗି ୧୨ ଟା ଜିଲ୍ଲାକେ ୟଲୋ ୱ୍ୱାର୍ଣ୍ଣିଂ ଜାରି କରାଯାଇଛେ । ହେଲେ ଆଏବା ୧୨ ତାରିଖ୍ତକ୍ ରାଏଜେ ବଡ଼ ବର୍ଷା ନାଇଁଥିବାର୍ ପାଣିପାଗ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।